## ଜିଲ୍ଲାପାଳ କାଯ୍ୟାଳୟ : ସୁନ୍ଦରଗଡ

ବିଜ୍ଞାପନ

ସଂଖ୍ୟା 84 ତାରିଖ: 5.04.2023

### ଅବସର ପ୍ରାପ୍ତ ପିଅନ ପଦବୀ ପାଇଁ ପୁନଃନିଯୁକ୍ତି ସମ୍ବନ୍ଧେ

ଏତଦ୍ଵାରା ସମସ୍ତ ଅବସର ପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ , ଅର୍ଥ ବିଭାଗ ସରକାରଙ୍କ ପତ୍ର ସଂଖ୍ୟା ୩୯୩୫/F Date: ୬.୦୨.୨୦୨୩ ଅନୁଯାୟୀ ସୁନ୍ଦରଗଡ ଜିଲ୍ଲାର ସ୍ୱଳ୍ପ ସଂଚୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଖାଲିଥିବା ଉପରୋକ୍ତ ପଦବୀ ସକାଶେ, ୧ ବର୍ଷ କିମ୍ବା ସରକାର ଙ୍କ ଦ୍ଵାରା ନିୟମିତ ପଦବୀ ପୁରାଣ ହେବ ପର୍ଯ୍ୟନ୍ତ, ଚୁକ୍ତି ଭିତ୍ତିକ ପୁଂନଃନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି | ସାଧାରଣ ଓ ପ୍ରଶାସନ ବିଭାଗ, ଓଡିଶା ସରକାରଙ୍କ ଦ୍ଵାରା ଜାରି କରାଯାଇଥିବା ଗେଜେଟ ନୋଟିଫିକେସନ ସଂଖ୍ୟା ୨୩୭୫୦/ଗଡ଼, ତା.୨୭.୦୮.୨୦୧୪ ର ସମସ୍ତ ସର୍ତାବଳୀ ଅନୁସାରେ, ଏହିସବୁ ପଦବୀ ପୁରାଣ ନିମନ୍ତେ ଆବେଦନକାରୀ ସରକାରୀ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିବେ ଏବଂ ୩୧.୧.୨୦୨୩ ଶୁଦ୍ଧା ତାଙ୍କୁ ୬୫ ବର୍ଷରୁ ଉର୍ଦ୍ଧ ହୋଇନଥିବ, ତଥା କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ | ଏତଦବ୍ୟତୀତ ଯଦି କୌଣସି ଆବେଦନକାରୀ ଙ୍କ ନାମରେ " DEPARTMENTAL PROCEEDING / CRIMINAL CASE ଥିବା କିମ୍ବା ପାଞ୍ଚବର୍ଷ ମଧ୍ୟରେ ସରକାରୀ କାର୍ଯ୍ୟ ରେ ଅବହେଳା ହେତୁ ଦଣ୍ଡିତ ହୋଇଥିବେ, ତା ହେଲେ ସେମାନେ ଉକ୍ତ ପଦବୀ ପାଇଁ ଆବେଦନ କରିପାରିବେ ନାହିଁ | ଏହି ପଦବୀ ପୁରାଣ ପାଇଁ ସ୍ଥାନୀୟ ଆବେଦନକାରୀ ଙ୍କୁ ଅଗ୍ରାଧିକାର ଦିଆଯିବ | ଯଦି ସ୍ଥାନୀୟ / ଆଞ୍ଚଳିକ ପ୍ରାର୍ଥୀ ନ ମିଳନ୍ତି, ତେବେ ଅନ୍ୟ ଜିଲ୍ଲାରୁ ଆସିଥିବା ଆବେଦନ ସବୁ ବିଚାରକୁ ନିଆଯିବ|

| କ୍ର. ସଂ | ପଦବୀ | ଖାଲିଥିବା ପଦବୀ ସଂଖ୍ୟା | ମାସିକ ପାରିଶ୍ରମିକ |
|---|---|---|---|
| ୧ | ପିଅନ | ୧ | ୧୦,୦୦୦ |

ଉପରୋକ୍ତ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀ ନିଜର ପେନସନ ପେମେଣ୍ଟ ଅର୍ଡର / ପ୍ରୋଭିଜିନାଲ ପେନସନ ଅର୍ଡର, ତଥା ସେବା ପୁସ୍ତିକାର ପ୍ରଥମ ପୃଷ୍ଠା ଏବଂ ଅବସରକାଳୀନ ଆଦେଶର ପ୍ରାମାଣିକ ପତ୍ରର ସ୍ୱସ୍ୱାକ୍ଷରିତ ଅବିକଳ ନକଲ ସହହିଁତ ୨ ଗୋଟି ପାସପୋର୍ଟ ସାଇଜ ଫୋଟୋଗ୍ରାଫ ଆବେଦନ ଫର୍ମ ରେ ସଂଲଗ୍ନ କରି ତା. ୧୫.୦୪.୨୦୨୩ ରିଖ ୫ ଟା , ଶୁଦ୍ଧା (ସରକାରୀ ଛୁଟିଦିନ ବ୍ୟତୀତ ) ଜିଲ୍ଲା କାର୍ଯ୍ୟାଳୟ ସ୍ୱଳ୍ପ ସଂଚୟ ଅଧିକାରୀ ଙ୍କ ସୁନ୍ଦରଗଡ . ପିନ - ୭୭୦୦୦୧ ଠିକଣା ରେ କେବଳ Registered . Post / Speed Post ଜରିଆରେ ପଠାଇ ପାରିବେ | ଏନଭେଲପ ଉପରେ ଆବେଦନ କରିଥିବା ପଦବୀର ନାମ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ଜରୁରୀ ଅଟେ| ଆବଶ୍ୟକୀୟ ପ୍ରମାଣପତ୍ର, Regd . post / Speed post ବ୍ୟତୀତ ଅନ୍ୟ ମାଧ୍ୟମରେ କିମ୍ବା ଧାର୍ଯ୍ୟ ତାରିଖ ପରେ କୌଣସି ଆବେଦନ ପତ୍ର ବିଚାରକୁ ନିଆଯିବ ନାହିଁ|

ଉପରୋକ୍ତ ବିଜ୍ଞାପନକୁ କର୍ତୃପକ୍ଷ ଇଚ୍ଛାକଲେ କୌଣସି କାରଣ ନ ଦର୍ଶାଇ ରଦ୍ଧ କରିପାରିବେ |

- ଆବେଦନ ପତ୍ର www.sundergarh.nic.in ରେ ଉପଲବ୍ଧ ଅଟେ|

5.4.2023
ଜିଲ୍ଲା ପାଳ, ସୁନ୍ଦରଗଡ
COLLECTOR
SUNDARGARH

ଜ୍ଞାପକ ସଂଖ୍ୟା 85, ତାରିଖ : 5.4.2023

ଏହାର ଏକକିତା ନକଲ DIO , NIC , ସୁନ୍ଦରଗଡ ଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ www.sundergarh.nic.in ରେ ଉପରୋକ୍ତ ବିଜ୍ଞାପନ ପ୍ରକାଶନ ନିମନ୍ତେ ଜଣାଇ ଦିଆଗଲା|

ଏହାର ଏକକିକ ନକଲ DI & PRO , ସୁନ୍ଦରଗଡଙ୍କ ଅବଗତି ତଥା, କୌଣସି ଏକ ଆଞ୍ଚଳିକ ସମ୍ବାଦ ପତ୍ରିକାରେ ପ୍ରକାଶନ ନିମନ୍ତେ ଜଣାଇ ଦିଆଗଲା ଏବଂ ପ୍ରକାଶନ ସମ୍ବନ୍ଧୀୟ ଖର୍ଚ୍ଚବିବରଣୀ ଅତ୍ର କାର୍ଯ୍ୟାଳୟ ରେ ଦାଖଲ କରିବା ନିମନ୍ତେ ଅନିର୍ଦ୍ଧା କରାଗଲା|

ଏହାର ନକଲ ସୁନ୍ଦରଗଡ ଜିଲ୍ଲା ର ସମସ୍ତ ତହସିଲଦାର ମାନଙ୍କୁ ଅବଗତି ତଥା ସେମାନଙ୍କର ନୋଟିସ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ଜଣାଇ ଦିଆଗଲା |

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡଙ୍କ ଅବଗତି ତଥା ନୋଟିସ ବୋର୍ଡ଼ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା

5.4.2023

ଜିଲ୍ଲା ପାଳ, ସୁନ୍ଦରଗଡ

COLLECTOR
SUNDARGARH

## ଚୁକ୍ତି ଭିତ୍ତିକ ପିଅନ ପଦବୀ ପୁନଃନିଯୁକ୍ତି ପାଇଁ

### ଆବେଦନ ପତ୍ର

ଆବେଦନ କରୁଥିବା ପଦବୀର ନାମ ...............................

| | | |
|---|---|---|
| ୧ | ଆବେଦନକାରୀଙ୍କ ନାମ | |
| ୨ | ପିତାଙ୍କ ନାମ | |
| ୩ | ଜନ୍ମ ତାରିଖ | |
| ୪ | ଜାତି | |
| ୫ | ସ୍ଥାୟୀ ଠିକଣା | |
| ୬ | ବର୍ତ୍ତମାନ ଠିକଣା | |
| ୭ | ସେବାରୁ ନିବୃତ ହୋଇଥିବା ଆଦେଶ ସଂଖ୍ୟା /ତାରିଖ | |
| ୮ | ପେନସନ/ ପ୍ରବିଜିଓନାଲ ପେନସନ ଧାରୀଙ୍କ ଅର୍ଡର ନମ୍ବର ଓ ତାରିଖ ( ଅବିକଳ ନକଲ ସଂଲଗ୍ନ କରିବେ ) | |
| ୯ | ଆବେଦନକାରୀ ସ୍ୱାସ୍ଥ୍ୟଗତ ଘୋଷଣା ନାମା | |
| ୧୦ | ବିଗତ ୫ ବର୍ଷ ମଧ୍ୟରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ନ ଥିବା ସକାଶେ ଘୋଷଣା ନାମା | |

ମୁ ଶ୍ରୀ/ ଶ୍ରୀମତୀ ..................................................., ସ୍ୱ ହୃଦୟତାର ସହିତ ଜଣାଉଅଛିକି ଯେ, ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ, ଏବଂ ପୁନଃ ନିଯୁକ୍ତି ପରେ ଯଦି କୌଣସି ତଥ୍ୟ ମିଥ୍ୟା ପ୍ରମାଣିତ ହୁଏ, ତେବେ ସରକାରଙ୍କ ନିୟମ ମୁତାବକ ଦଣ୍ଡିତ ହେବି|

ସ୍ଥାନ:

ତା:

ଆବେଦନକାରୀଙ୍କ ସ୍ୱାକ୍ଷର

# ଜିଲ୍ଲାପାଳ କାର୍ଯ୍ୟାଳୟ : ସୁନ୍ଦରଗଡ

( ସ୍ୱଳ୍ପ ସଂଚୟ ବିଭାଗ)

ବିଜ୍ଞାପନ ସଂଖ୍ୟା 86 / ତାରିଖ . 5.4.2023

ସାଧାରଣ ଓ ପ୍ରଶାସନ ବିଭାଗ ଗେଜେଟ ନୋଟିଫିକେସନ ସଂଖ୍ୟା ୨୩୭୫୦/ GAD ତା.୨୭.୦୮.୨୦୧୪ ଓଡିଶା ସରକାର ସର୍ତାବଳୀ ଅନୁଯାୟୀ ଏତଦ୍ୱାରା ସର୍ବସାଧରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ରେ ଖାଲି ଥିବା ପିଅନ ପଦ ଗୁଡ଼ିକୁ ସମ୍ପୃକ୍ତ ପଦରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ଦ୍ୱାରା ୧ ବର୍ଷ ପର୍ଯ୍ୟନ୍ତ କିମ୍ବା ସରକାରଙ୍କ ଦ୍ୱାରା ନିୟମିତ ପଦବୀ ପୁରଣ ହେବା ପର୍ଯ୍ୟନ୍ତ ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରଦାନ କରାଯିବ | ଏ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଜିଲ୍ଲା ୱେବ୍ସାଇଟ www.sundergarh.nic.in ମାଧ୍ୟମରେ ଉପଲବ୍ଧ ହୋଇ ପାରିବ|

5.4.2023

ଜିଲ୍ଲାପାଳ ସୁନ୍ଦରଗଡ

COLLECTOR
SUNDARGARH